# Akashvani, Sambalpur

## SAMBALPURI NEWS EVENING BULLETIN

## 31 August 2025- 7.02 pm- 7.12 pm.

*******************************************

୧- ଖେଲୋ ଇଣ୍ଡିଆ ୱାଟର୍ ସ୍ପୋର୍ଟସ୍ ପ୍ରତିଯୋଗିତାର୍ ସ୍ୱର୍ଣ୍ଣପଦକ୍ ବିଜେତା ଓଡ଼ିଶାର୍ ରଶ୍ମୀତା ସାହୁଙ୍କର୍ ସାଙ୍ଗେ ମନ୍ କି ବାତ୍‌ଥି କଥା ହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ସ୍ୱାୟତ ଶାସନ୍ ଦିବସ୍ ଅବ୍‌ସରେ ୧୬ ଟା ନୂଆଁ ଏନ୍‌ଏସି ଆଉ ୭ ଟା ମ୍ୟୁନିସିପାଲ୍‌ଟି ଗଠନ୍ ଲାଗି ଘୋଷ୍‌ନା କଲେ ରାଜ୍ୟ ସର୍‌କାର୍ ।

୩- ଜଷ୍ଟିସ୍ ଅରିଜିତ୍ ପଶାୟତ୍‌ଙ୍କର୍ ଅଧ୍ୟକ୍ଷତାଥି କଟକ୍ ଠାନେ ହେଇଛେ ଏସ୍‌ଆଇଟିର୍ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ।

ଆଉର୍

୪- ଭୁବ୍‌ନେଶ୍ୱର୍ ଉତ୍କଲ୍ ସଂଗୀତ୍ ମହାବିଦ୍ୟାଳୟ ନ ଉଦ୍‌ଘାଟିତ୍ ହେଲା ନୂଆଁ ଅଡ଼ିଓ ଆଉ କ୍ରୋମା ରେକର୍ଡ଼ିଂ ଷ୍ଟୁଡ଼ିଓ ।

ମନ୍ କି ବାତ୍        ଏନ୍‌ଏସ୍‌ଡି

‘ଏକ୍ ଭାରତ୍ -ଶ୍ରେଷ୍ଠ ଭାରତ୍’ ମନ୍ତ୍ରଥି ଏକ୍ ହେଇକରି ଦେଶ୍‌ବାସୀଙ୍କୁ ଆଗ୍‌କେ ବଢ୍‌ବାର୍‌କେ ହେବା । ଇ କ୍ଷେତ୍ରଥି ଖେଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍‌ବାଣୀର୍ ଶହେ ୨୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କର୍ ସହେତେ ଭାବ୍ ବିନିମୟ କରିକରି ପ୍ରଧାନ୍‌ମନ୍ତ୍ରୀ  କହିଛନ୍, ଶ୍ରୀନଗର୍‌ର ଡାଲ୍ ହ୍ରଦ ନ ୮ ଶହ ୯ନ୍ ଖେଲାଲିମାନ୍‌କୁ ନେଇକରି ପହେଲାଥର୍ ଲାଗି ଖେଲୋ ଇଣ୍ଡିଆ  ୱାଟର୍ ସ୍ପୋର୍ଟସ୍ ପ୍ରତିଯୋଗିତାର୍ ଆୟୋଜନ୍ କରାଯାଇଥିଲା । କ୍ରୀଡ଼ା ମହୋତ୍ସବ୍‌ଥି ଭାଗ୍ ନେଇକରି ସ୍ୱର୍ଣ୍ଣପଦକ୍ ଜିତିଥିବା ଓଡ଼ିଶାର୍ ଖେଲାଲି ରଶ୍ମିତା ସାହୁଙ୍କର୍ ସଙ୍ଗେ ପ୍ରଧାନ୍‌ମନ୍ତ୍ରୀ ଫୋନ୍‌ଥି କଥା ହେଇଛନ୍ । ପ୍ରତିକୂଳ ପରିସ୍ଥିତିର୍ ସାମ୍ନା କର୍‌ବାର୍ ସହେତେ ଖେଲ୍‌ଥି ଦେଶର୍ ନାଁ ରଖିଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ରଶ୍ମୀତାଙ୍କୁ ଶୁଭେଚ୍ଛା ଜନେଇଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-୧)

ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ କଥା ହେଲା ଉତ୍‌ରୁ ନିଜର୍ ଖୁସି ଜାହିର୍ କରିକରି ରଶ୍ମିତା ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍- ରଶ୍ମିତା ସାହୁ-୨)

ତାଙ୍କର୍ ସମ୍ବୋଧନ୍‌ଥି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଆତ୍ମନିର୍ଭର୍ ଭାରତ୍ ଦିଗେ ବିକଶିତ୍ ଦେଶ୍ ଗଠନ୍ ଲକ୍ଷ୍ୟ ନେଇକରି

ଭାରତ୍‌କେ ଭୋକାଲ୍ ଫର୍ ଲୋକାଲ୍ ମନ୍ତ୍ରଥି ଆଗ୍‌କେ ବଢ଼୍‌ବାର୍‌କେ ହେବା ।

ଆଗ୍‌କେ ଆସୁଥିବା ପାର୍ବଣ ଋତୁଥି ଭାରତ୍ ନ ତିଆର୍ ହେଇଥିବା ଉପହାର୍, ଭାରତ୍ ନ ବୁଣା ହେଇଥିବା କପ୍‌ଡ଼ା ଆଉ ଜୀବନ୍‌ର ସବୁ ଆବଶ୍ୟକତା ସ୍ୱଦେଶୀ ହେବାର୍ ଉଚିତ୍ ବଲି ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ- ୩ ଭୋକାଲ୍ ଫର୍ ଲୋକାଲ୍)

ଇ ମୌସୁମୀ ଋତୁଥି ଦେଖାଦେଇଥିବା ପ୍ରାକୃତିକ୍ ବିପର୍ଯ୍ୟୟ ଦେଶ୍ ଲାଗି ବହୁତ୍ ବଡ଼୍‌ଟେ ସମସ୍ୟା ହେଇଛେ । ଗଲା କିଛି ହପ୍ତା ଭିତ୍‌ରେ ଦେଶର୍ ଭିନ୍ ଭିନ୍ ଜାଗା ନ ବଏଢ଼୍, ଭୁସ୍ଖଲନ୍ ବାଗିର୍ ପ୍ରାକୃତିକ୍ ବିପର୍ଯ୍ୟୟ ଦେଖିବାର୍‌କେ ମିଲିଛେ । ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ସମ୍ବୋଧନ୍‌ଥି କହିଛନ୍, ଆମର୍ ଯବାନ୍ ମାନେ ଅତ୍ୟାଧୁନିକ୍ ଜ୍ଞାନ୍ କୌଶଲ୍ ବେଭାର୍ କରିକରି ରିଲିଫ୍ ଆଉ ଥଇଥାନ୍ କାମ୍ କରୁଛନ୍ । ଇ ପରୀକ୍ଷା ସମିଆଥି ମାନବିକତା ଦେଖେଇଥିବାର୍‌ନୁ ସମସ୍ତଙ୍କର୍ ଲାଗି ପ୍ରଧାନ୍‌ମନ୍ତ୍ରୀ କୃତଜ୍ଞତା ଜ୍ଞାପନ୍ କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ କହିଛନ୍, କେନ୍ଦ୍ରୀୟ ଲୋକ୍‌ସେବା ଆୟୋଗ୍-ୟୁପିଏସ୍‌ସି ପରୀକ୍ଷାଥି ଭଲ୍ ପ୍ରଦର୍ଶନ୍ କରିଥିଲେ ଭିଲ୍ ଚୂଡ଼ାନ୍ତ ମେଧା ତାଲିକାଥି ଠାନ୍ ନାଇଁ ପାଇଥିବାର୍ ଛାତ୍ରଛାତ୍ରୀମାନେ ଡିଜିଟାଲ୍ ପ୍ଲାଟ୍‌ଫର୍ମ ପ୍ରତିଭା ସେତୁର ଲାଭ୍ ନେଇପାର୍‌ବେ । ଇ ପୋର୍ଟାଲ୍ ଜରିଏ ଶତାଧିକ୍ ପ୍ରାର୍ଥୀ ଉପଯୁକ୍ତ ନିଯୁକ୍ତି

ପାଇପାରିଛନ୍ ଆଉ ଇଟା ଆଗ୍‌କେ ବଢ଼୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ଆଶା କରିଛନ୍ ।

ଭାରତ୍ ନ ନିୟମିତ୍ ଭାବେ ଫୁଟ୍‌ବଲ୍ ଖେଲ୍‌ର ଲୋକପ୍ରିୟତା ବଢୁଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ସନ୍ତୋଷ୍ ପ୍ରକାଶ୍ କରିଛନ୍ । ମଧ୍ୟପ୍ରଦେଶ୍‌ର ସାହଦଲ୍ ସହର୍ ନ ମୁଲ୍ ହେଇଥିବା କ୍ରୀଡ଼ା ବିପ୍ଳବ୍‌କେ ଦେଖି ଯିବାର୍ ଲାଗି ଫୁଟ୍‌ବଲ୍ ପ୍ରେମୀ ମାନ୍‌କୁ ଆହ୍ୱାନ୍ ଦେଇଛନ୍ । ପୁର୍‌ଥିର୍ ସବୁ କୁନାନୁ ଇହାଦେ ଭାରତୀୟ ସଂସ୍କୃତି ଆଉ ରାମାୟଣ୍ ଲାଗି ଶ୍ରଦ୍ଧା ଦେଖାଦେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଋଷିଆର ଭ୍ଲାଡିବୋଷ୍ଟକ୍ ସହର୍ ନ ହେଇଥିବା ଗୁଟେ ପ୍ରଦର୍ଶନୀଥି ଋଷିଆ ଛୁଆମାନ୍‌କର୍ ତର୍‌ଫୁ ରାମାୟଣ୍ ଶୀର୍ଷକ୍ ବହୁତ୍‌ଟେ ଚିତ୍ରାଙ୍କନ୍ ପ୍ରଦର୍ଶିତ୍ ହେଇଥିଲା । ଶ୍ରୀ ମୋଦୀ ଆଏବା ୧୫ ତାରିଖ୍ ପାଲନ୍ ହେବାର୍‌କେ ଥିବା ଇଞ୍ଜିନିୟର୍ସ ଡେ ଆଉ ୧୭ ତାରିଖ୍ ଦିନ ବିଶ୍ୱକର୍ମ ପୂଜା ଲାଗି ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଦେଶେ ବିଶ୍ୱକର୍ମା ଶିଳ୍ପୀଙ୍କର୍ କଲ୍ୟାଣ୍‌କେ ନଜର୍‌ଥି ରଖିକରି ସର୍‌କାର୍ ବିଶ୍ୱକର୍ମା ଯୋଜ୍‌ନା କାର୍ଯ୍ୟକାରୀ କରିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଚନ୍ଦ୍ରଶେଖର୍‌ପୁର୍ ଶିଶୁବିହାର୍ ଠାନେ ସ୍ଥାନୀୟ ଲୁକ୍‌କର୍ ସାଙ୍ଗେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶହେ ୨୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌କେ ଶୁନିଛନ୍ ।

ସ୍ୱାୟତ ଶାସନ        ଭୁବନେଶ୍ୱର୍ ସମ୍ବାଦଦାତା

ସ୍ୱାୟତ ଶାସନ୍ ବ୍ୟବସ୍ଥାଥି ସାଧାରଣ୍ ଲୁକ୍‌କର୍ ସମସ୍ୟାର୍ ସମାଧାନ୍ ଦିଗେ ଲୁକ୍‌କୁ କ୍ଷମତା ଦେବାର୍ ଲାଗି ଆଏଜ୍ ସ୍ୱାୟତ ଶାସନ୍ ଦିବସ୍ ପାଲନ୍ କରାଯାଉଛେ । ଶାସନ୍ ବ୍ୟବସ୍ଥାଥି ଦେଶେ ପହେଲା ଠାନେ କେନ୍ଦ୍ର ସର୍‌କାର୍, ତାର୍ ଉତ୍‌ରୁ ରାଏଜେ ରାଜ୍ୟ ସର୍‌କାର୍ ଆର୍ ୩ ନମ୍ବର୍‌ଟା ହେଲା ସ୍ୱାୟତ ଶାସନ୍ ବ୍ୟବସ୍ଥା । ୧୯୯୨ ମସିହାଥି ପଂଚାୟତ୍‌ରାଜ୍ ବ୍ୟବସ୍ଥା ତର୍‌ଫୁ ସ୍ୱାୟତ ଶାସନ୍ ବ୍ୟବସ୍ଥା ମୁଲ୍ ହେଇଥିଲା । ସ୍ୱାୟତ ଶାସନ୍ ଦିବସ୍ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ପୌରାଂଚଲ୍ ନ ଲୋକ୍‌ମାନ୍‌କୁ କ୍ଷମତା ଆଉ ଅଧିକାର୍ ବାବ୍‌ଦେ ସଚେତନ୍ କରାବାର୍ ଲାଗି କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ । ଇ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ରେଲ୍ ଅଡ଼ିଟୋରିୟମ୍ ଠାନେ ହେଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଭିନ୍ ଭିନ୍ ଉନ୍ନତିମୂଳକ୍ କାର୍ଯ୍ୟକ୍ରମ୍ ଆଉ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ଜାତୀୟ ଏକକ ଗମନାଗମନ୍ କାର୍ଡ଼୍‌ର ଲୋକାର୍ପଣ୍ ସହେତେ ଆମ ବସ୍ ଲାଗି ୱାଟସ୍‌ଆପ୍ ଜରିଏ ଟିକେଟ୍ ବୁକିଂ ସେବା ଆଉ ଡିଜିଟାଲ୍ ଟିକେଟ୍ ଘିନୁଥିବାର୍

ଯାତ୍ରୀମାନ୍‌କୁ ରିହାତି ଦେବାର୍ ସୁବିଧାର୍ ଭିଲ୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍....

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୬ ଟା ନୂଆଁ ଏନ୍‌ଏସି ଆଉ ୭ ଟା ସହର୍‌କେ ମ୍ୟୁନସିପାଲ୍‌ଟି ଭାବେ ଘୋଷ୍‌ନା କରିଛନ୍ । ଇ ସହର୍‌ମାନ୍ ହେଲା- ବୌଦ୍ଧ, କରଞ୍ଜିଆ, ଆସିକା, ଛତ୍ରପୁର୍, ଭଞ୍ଜ୍‌ନଗର୍, କବିସୂର୍ଯ୍ୟନଗର୍ ଆଉ ପୋଲସରା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସହର୍ ଇଲାକାର୍ ଆର୍ଥିକ୍ ଦୁର୍ବଲ୍ ଲୋକ୍‌ମାନ୍‌କୁ ସର୍‌କାରୀ ଯୋଜ୍‌ନାର୍ ଲାଭ୍ ପୁହୁଁଚାବାର୍‌କେ ଆହୁରି ବ୍ୟାପକ୍ କର୍‌ବାର୍ ଲାଗି ରାଏଜେ ଶହେ ୧୫ ଟା ପୌରାଂଚଲ୍ ସହଯୋଗ୍ କାର୍ଯ୍ୟକ୍ରମ୍‌କେ ଲୋକାର୍ପିତ୍ କରିଛନ୍ । ଇ ଅବ୍‌ସରେ ନାଗରିକ୍‌ମାନ୍‌କୁ ସଶକ୍ତ, ଦ୍ରୁତ ଆଉ କ୍ରୀୟାଶୀଲ୍ ସେବା ଦେବାର୍‌ଟା ସୁନିର୍ଶ୍ଚିତ୍ କର୍‌ବାର୍ ଲାଗି ସହର୍ ସାଥୀ ସୁବିଧା ମୁଲ୍ କରାଯାଇଛେ । ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ତର୍‌ଫୁ ବିଏମ୍‌ସି କାର୍ଯ୍ୟାଳୟ ପରିସର୍ ନ ସ୍ୱାୟତ ଶାସନ୍ ଦିବସ୍ ପାଳିତ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୦ ଟନ୍‌ର ବର୍ଜ୍ୟ ପରିଚାଳନା ପ୍ଲାଂଟ୍, ଶହେ ୫୦ ଟନ୍ ଦରବ୍ ପୁନରୁଦ୍ଧାର୍ ସୁବିଧା କେନ୍ଦ୍ର ଆଉ ୱ୍ହାଟ୍‌ସ୍‌ଅପ୍ ଚାଟ୍ ବଟ୍ ସେବା ବାଗିର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ ।

ସ୍ୱାୟତ ଶାସନ୍-ଜିଲ୍ଲା

ସମ୍ବଲପୁର/ ସୁବର୍ଣ୍ଣପୁର/ ଦେବ୍‌ଗଡ଼୍/ ବୌଦ୍ଧ/ ନୂଆପଡ଼ା

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମହାନଗର୍ ନିଗମ୍ କାର୍ଯ୍ୟାଳୟ ଠାନେ ଆଏଜ୍ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । ମହାନଗର୍ ନିଗମ୍ ଆୟୁକ୍ତ ରେହାନ୍ ଖତ୍ରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସହରର୍ ସ୍ୱଚ୍ଛତା, ସୌନ୍ଦର୍ଯ୍ୟୀକରଣ୍ ଉପ୍‌ରେ ଆଏବା ଦିନେ କର୍ମଚାରୀମାନ୍‌କୁ ଏକ୍‌ଜୁଟ୍ ହେଇକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଟାଉନ୍‌ହଲ୍ ଠାନେ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସୁବର୍ଣ୍ଣପୁର୍ ବିଧାୟକ୍ ନିରଞ୍ଜନ୍ ପୂଜାରୀ, ଜିଲ୍ଲାପାଳ୍ ନୃପରାଜ୍ ସାହୁ ଙ୍କର୍ ସହେତେ ସୋନ୍‌ପୁର୍ ପୌର ପରିଷଦ୍‌ର ସବୁ ସଦସ୍ୟ, କର୍ମଚାରୀ ଆଉ ବରିଷ୍ଠ ବ୍ୟକ୍ତିବିଶେଷ ଉପସ୍ଥିତ୍ ଥିଲେ ।

ଦେବ୍‌ଗଡ଼୍ ପୌର ପରିଷଦ୍ କାର୍ଯ୍ୟାଳୟ ତର୍‌ଫୁ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ କବିନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାର୍ କାର୍ଯ୍ୟାଦେଶ୍, ରାସନ୍‌କାର୍ଡ଼୍ ଆଉ କର୍ମଚାରୀମାନ୍‌କୁ ପୋଷାକ ବାଂଟିଛନ୍ ।

ବୌଦ୍ଧ ଏନ୍‌ଏସି ତର୍‌ଫୁ ଟାଉନ୍ ହଲ୍ ଠାନେ ଆଏଜ୍ ସ୍ୱାୟତ ଶାସନ୍ ଦିବସ୍ ସମାରୋହ କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ସହରର୍ ବିକାଶ୍ ଲାଗି ପୌର କର୍ମଚାରୀଙ୍କର୍ ସହେତେ ସାଧାରଣ୍ ଲୁକଙ୍କର୍ ବଡ଼ ଦାୟିତ୍ୱ ରହିଛେ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ନୂଆପଡ଼ା ଜିଲ୍ଲାର୍ ତିନ୍‌ହି ବିଜ୍ଞପିତ୍ ଅଂଚଲ୍ ପରିଷଦ୍ ନ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଦିବସ୍ ଅବ୍‌ସରେ ସବୁ କର୍ମଚାରୀମାନ୍‌କର୍ ସହେତେ ପରିଷଦ୍ ସଦସ୍ୟମାନେ ଯୋଗ୍ ଦେଇକରି ପତାକା ଉତୋଲନ୍ କରିଛନ୍ ।

ରାଜ୍ୟପାଲ୍-ମଧୁମେହ ରୋଗ I&PR

ଇହାଦେର୍ ସମିଆଥି ମଧୁମେହ ରୋଗ୍ ଗୁଟେ ବଡ଼ ଜନସ୍ୱାସ୍ଥ୍ୟ ଆହ୍ୱାନ୍ ଭାବେ ଉଭା ହେଇଛେ । ନୀରବ ଘାତକ ମଧୁମେହ ରୋଗ୍‌ର ମୁକାବିଲା ଲାଗି ସାମୂହିକ୍ ସଚେତନତା ଜରୁରୀ ଆଏ ବଲି ରାଜ୍ୟପାଲ୍ ହରିବାବୁ କମ୍ଭମାଟି କହିଛନ୍ । କଟକ୍ ଏସ୍‌ସିବି ମେଡ଼ିକାଲ୍ କଲେଜ୍ ପ୍ରେକ୍ଷାଳୟ ଠାନେ 'ରିସର୍ଚ୍ଚ ସୋସାଇଟି ଫର୍ ଦ ଷ୍ଟଡ଼ି ଅଫ୍ ଡାଇବେଟିସ୍ ଇନ୍ ଇଣ୍ଡିଆ- ଆର୍‌ଏସ୍‌ଏସ୍‌ଡିଆଇ'ର ବାର୍ଷିକ ସମ୍ମିଳନୀଥି

ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ ସମାଜ୍ର ସବୁବର୍ଗର୍ ଲୁକ୍କୁ ସୁସ୍ଥ ଜୀବନ୍ଶୈଳୀ ଅପ୍ନେଇକରି ସାମୂହିକ୍ ଭାବେ କାମ୍ କର୍ବାର୍କେ ଆହ୍ୱାନ୍ ଦେଇଛନ୍ ।

ଏସ୍ଆଇଟି            କଟକ୍ ସମ୍ବାଦଦାତା

ଜଷ୍ଟିସ୍ ଅରିଜିତ୍ ପଶାୟତ୍ଙ୍କର୍ ଅଧ୍ୟକ୍ଷତାଥି କଟକ୍ ଠାନେ ଏସ୍ଆଇଟିର୍ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ବୈଠକ୍ଥି ବେଆଇନ୍ ଅର୍ଥ କାର୍ବାର୍ ଆଉ କଲାଧନ୍ ବାବ୍ଦେ ଆଲୋଚନା ହେଇଛେ । ଗଲାଦିନେ ବହୁତ୍ଟେ ଅଧିକାରୀଙ୍କୁ ବିଭାଗ୍ ତର୍ଫୁ ଗିରଫ୍ କରାଯାଇଥିବାର୍ନୁ ତାର୍ ପରବର୍ତୀ ପଦକ୍ଷେପ୍ ବାବ୍ଦେ ଆଲୋଚନା ହେଇଥିଲେ ।

ଅଡ଼ିଓ ଆଉ କ୍ରୋମା ରେକର୍ଡ଼ିଂ ଷ୍ଟୁଡ଼ିଓ            ଭୁବ୍ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାର୍ ଐତିହ୍ୟ, ସାଂସ୍କୃତିକ୍ ଗୌରବ୍ ଗାଥାକେ ବିଶ୍ୱ ଦର୍ବାର୍ ନ ପହଁଚାବାର୍ ଲାଗି ଭୁବ୍ନେଶ୍ୱର୍ ଉତ୍କଳ

ସଂଗୀତ ମହାବିଦ୍ୟାଳୟ ନ ଆଏଜ୍ ନୂଆଁ ଅଡ଼ିଓ ଆଉ କ୍ରୋମା ରେକର୍ଡ଼ିଂ ଷ୍ଟୁଡ଼ିଓ ଉଦ୍‌ଘାଟିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ନୂଆଁ ଷ୍ଟୁଡ଼ିଓକେ ଉଦ୍‌ଘାଟନ୍ କରିଥିଲେ । ମହାବିଦ୍ୟାଳୟ ପରିସର୍ ନ ହେଇଥିବା ଇ ରେକର୍ଡ଼ିଂ ଷ୍ଟୁଡ଼ିଓ ଓଡ଼ିଶାର୍ ନାଚ୍, ଗୀତ୍ ଆର୍ ନାଟକ୍ ଜଗତ୍‌କେ ସମର୍ପିତ୍ ଆଏ ।  ଆଏବା ଦିନେ ଇତାର୍ ବେଭାର୍‌କେ ନେଇକରି ସଂସ୍କୃତି ବିଭାଗ୍ ତର୍‌ଫୁ ଏସ୍‌ଓପି ଜାରି କରାଯିବା ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରାମର୍ଶଦାତା    ସମ୍ବଲପୁର ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରାମର୍ଶଦାତା ତରୁଣ୍ କପୁର୍ ଆଏଜ୍ ଡେବ୍ରିଗଡ଼୍ ବନ୍ୟପ୍ରାଣୀ ଅଭୟାରଣ୍ୟକେ ଗସ୍ତ କରିଛନ୍ । ଶ୍ରୀ କପୁର ଜଙ୍ଗଲ୍ ବିଭାଗ୍ କର୍ମଚାରୀ ଆଉ ସେନର୍ ଅଧିବାସୀ ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଇଲାକା ନ ଥିବା ଗୟଳ ମାନ୍‌କର୍ ସଂଖ୍ୟା ଦେଖିକରି ଶ୍ରୀ କପୁର୍ ଖୁସି ଜାହିର୍ କରିଛନ୍ । ଇ ଅବ୍‌ସରେ ଉତରାଂଚଲ୍ ରାଜସ୍ୱ କମିଶନର୍ ସଚିନ୍ ରାମଚନ୍ଦ୍ର ୟାଦବ୍, ଆର୍‌ସିସିଏଫ୍ ଟି. ଅଶୋକ୍

କୁମାର୍, ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ ପ୍ରମୁଖ ଉପସ୍ଥିତ୍ ଥିଲେ ।

ରାଧାଷ୍ଟମୀ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଭୁଦୋ ମାସର୍ ଉଜଲ୍ ପଖର୍ ଅଷ୍ଟମୀ ତିଥି ନ ଆଏଜ୍ ରାଧାଷ୍ଟମୀ ନୀତି ପାଲନ୍ କରାଯାଉଛେ । ଇ ଖାସ୍ ନୀତି ଲାଗି ଚକ୍ରରାଜ୍ ସୁଦର୍ଶନ୍ଙ୍କର୍ ଚଲନ୍ତି ପ୍ରତିମା ନଗର୍ ପରିକ୍ରମା ଚାଲିଛେ । ଶ୍ରୀମନ୍ଦିର୍ ନ ମଧ୍ୟାହ୍ନ ଧୂପ ଉତ୍ରୁ ଦଇତାପତିମାନେ ସୁଦର୍ଶନ୍ଙ୍କୁ ପହଣ୍ଡି କରିକରି ଆନିକରି ଚଉଦୋଳ ନ ବିଜେ କରେଇଛନ୍ ।